# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 28th May - 2025

### News Editor : Itishree Singh Rathaur

*********************************

## ମୁଖ୍ୟ ସମ୍ବାଦ

- ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ହେବ ରାଜ୍ୟ କ୍ୟାବିନେଟ୍ ବୈଠକ

- ସମ୍ବଲପୁର-ଅନୁଗୁଳ ସମେତ ବିଭିନ୍ନ ସହରକୁ ନଗର ବନ ଯୋଜନାରେ ବିକଶିତ କରିବାକୁ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କୁ ଅନୁରୋଧ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

- ରକ୍ତ କର୍କଟ ରୋଗ ପ୍ରତି ଜନ ସଚେତନତା ବୃଦ୍ଧି ଉଦ୍ଦେଶ୍ୟରେ ଆଜି ପାଳନ କରାଯାଉଛି ବିଶ୍ୱ ରକ୍ତକର୍କଟ ଦିବସ

- ରାଜ୍ୟରେ ଆଜିଠାରୁ ଆରମ୍ଭ ହେଉଛି; ଆନ୍ତଃଜିଲ୍ଲା ସିଏମ୍ ଟ୍ରଫି ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ

ଏବଂ

- ଓଡ଼ିଶା ଉପକୂଳ ସ୍ପର୍ଶ କଲା ଦକ୍ଷିଣ ପଶ୍ଚିମ ମୌସୁମୀବାୟୁ; ରାଜ୍ୟର ସମସ୍ତ ଜିଲ୍ଲାରେ ବର୍ଷା ହେବା ନେଇ ସତର୍କ ସୂଚନା ଜାରି

## କ୍ୟାବିନେଟ

ରାଜ୍ୟ କ୍ୟାବିନେଟ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ । ଭୁବନେଶ୍ୱର ଲୋକସେବା ଭବନର ସମ୍ମିଳନୀ କକ୍ଷରେ ଆଜି ସନ୍ଧ୍ୟା ସାଢ଼େ ୭ଟାରେ ବୈଠକ ଅନୁଷ୍ଠିତ ହେବ । ବୈଠକରେ  ଆଇନ୍, ପୂର୍ତ୍ତ, ପଞ୍ଚାୟତିରାଜ, ରାଜସ୍ୱ ବିଭାଗ ସମ୍ବଳିତ ଏକାଧିକ ପ୍ରସ୍ତାବ ଉପରେ  ମୋହର ବାଜିବାର ସମ୍ଭାବନା ରହିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

# କୃଷି ସଂକଳ୍ପ ଅଭିଯାନ

କେନ୍ଦ୍ର ସରକାରଙ୍କର ବିକଶିତ କୃଷି ସଂକଳ୍ପ ଅଭିଯାନ ଆସନ୍ତାକାଲିଠାରୁ ପୁରୀରୁ ଆରମ୍ଭ ହେବ । ବିକଶିତ କୃଷି ସଂକଳ୍ପ ଅଭିଯାନକୁ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନ ଶୁଭାରମ୍ଭ କରିବେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଉପସ୍ଥିତ ରହିବେ । କେନ୍ଦ୍ର ସରକାରଙ୍କର ଯୁଗାନ୍ତକାରୀ କୃଷି ପଦକ୍ଷେପକୁ ତୃଣମୂଳସ୍ତରରେ ପହଞ୍ଚାଇବା ଏବଂ କୃଷି କ୍ଷେତ୍ରରେ ନବସୃଜନ ସୃଷ୍ଟି ଲକ୍ଷ୍ୟରେ ସଂକଳ୍ପ ଅଭିଯାନର ଆୟୋଜନ କରାଯାଉଛି । ଆସନ୍ତା ଜୁନ୍ ମାସ ୧୨ ତାରିଖ ପର୍ଯ୍ୟନ୍ତ କୃଷି ସଂକଳ୍ପଯାତ୍ରା ସଂପର୍କିତ କାର୍ଯ୍ୟକ୍ରମ ଦେଶର ବିଭିନ୍ନ ସ୍ଥାନରେ ଚାଲିବ ।

## ଧର୍ମେନ୍ଦ୍ର ପ୍ରଧାନ

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ଜଙ୍ଗଲ ପରିବେଶ ଓ ଜଳବାୟୁ ମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କୁ ନଗର ବନ ଯୋଜନା ଅଧୀନରେ ଶିଳ୍ପାଞ୍ଚଳ ସମ୍ବଲପୁର-ଝାରସୁଗୁଡ଼ା-ବ୍ରଜରାଜନଗର, କୋଇଲା ଖଣି ଅଂଚଳ ଅନୁଗୁଳ-ଢେଙ୍କାନାଳ

ତଥା ଗ୍ରୀଷ୍ମ ପ୍ରଭାବିତ ଅଂଚଳ ଟିଟଲାଗଡ଼ ଓ ବଲାଙ୍ଗିରକୁ ନଗର ବନରେ ବିକଶିତ କରିବା ପାଇଁ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। ଏହା ସହ ସମ୍ବଲପୁର ଚିଡିଆଖାନାର ସମ୍ପ୍ରସାରଣ, ଦେବ୍ରୀଗଡ଼ ଅଭୟାରଣ୍ୟକୁ ବ୍ୟାଘ୍ର ସଂରକ୍ଷିତ ଅଂଚଳରେ ବିକଶିତ କରିବା ପାଇଁ ହସ୍ତକ୍ଷେପ ଲୋଡିଛନ୍ତି। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଏ ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଯାଦବଙ୍କୁ ପତ୍ର ଲେଖିଛନ୍ତି।

## ଅଲିଭ୍ ରିଡ୍‌ଲେ

**ଭଦ୍ରକ** ଜିଲ୍ଲା ଧାମରା ବନ୍ଦର କର୍ତ୍ତୃପକ୍ଷ ଅଲିଭ୍ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ପାଇଁ ପ୍ରୟାସ ଜାରି ରଖିଥିବା ଜଣାପଡିଛି। ଗହୀରମଥା ସାମୁଦ୍ରିକ ବେଳାଭୂମିରେ ଅଲିଭ୍ ରିଡ୍‌ଲେ କଇଁଛଙ୍କ ଅଣ୍ଡାଦାନକୁ ଦୃଷ୍ଟିରେ ରଖି ଏହା ଧାମରା ବନ୍ଦର ପାର୍ଶ୍ୱବର୍ତ୍ତୀ ଅଂଚଳ ହୋଇଥିବାରୁ କଇଁଛଙ୍କ ସୁରକ୍ଷା ଓ ଗମନାଗମନ ପାଇଁ ଆଲୋକ ବ୍ୟବସ୍ଥା କରାଯିବା, କଇଁଛଙ୍କ ସମାଗମ ଏବଂ ଅଣ୍ଡାଦାନ ଋତୁରେ ଧାମରା ବନବିଭାଗ ପାଟ୍ରୋଲିଂ କରିବା, ସମୁଦ୍ର ଉପଯୋଗୀ ଟ୍ରଲର ଯୋଗାଇବା ଆଦି କାର୍ଯ୍ୟ ହାତକୁ ନିଆଯାଇଥିବା ସୂଚନା ମିଳିଛି।

## ପରାକ୍ରମ ଶୋଭାଯାତ୍ରା

**ସୁବର୍ଣ୍ଣପୁର** ଜିଲ୍ଲାରେ ମହିଳା ମଣ୍ଡଳ ପକ୍ଷରୁ ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମା’ ସୁରେଶ୍ୱରୀଙ୍କ ମନ୍ଦିର ପରିସରରେ ଏହି ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ସହ ପଞ୍ଚରଥ ମନ୍ଦିର ଛକରେ ପହଞ୍ଚିଥିଲା।

**ନୟାଗଡ଼**ଠାରେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ନେତୃତ୍ୱରେ କଣ୍ଟିଲୋ ପେଟ୍ରୋଲ ପମ୍ପ ନିକଟରୁ ପରାକ୍ରମ ଶୋଭାଯାତ୍ରା ବାହାରି ବଜାର ପରିକ୍ରମା କରିବା ପରେ ମିନି ଷ୍ଟାଡିୟମ୍‌ଠାରେ ପହଞ୍ଚିଥିଲା। ବୀର ଯବାନ୍‌ମାନଙ୍କୁ ସମ୍ମାନ ଜଣାଇ ଶୋଭାଯାତ୍ରାରେ ସବୁ ବର୍ଗର ଲୋକ ସାମିଲ ହୋଇଥିଲେ।

## ରକ୍ତ କର୍କଟ ଦିବସ

ରକ୍ତକର୍କଟ ରୋଗକୁ ଚିହ୍ନଟ କରିବା ଏବଂ ଏହା ସମ୍ପର୍କରେ ଜନସଚେତନତା ବୃଦ୍ଧି ଉଦ୍ଦେଶ୍ୟରେ ପ୍ରତିବର୍ଷ ଆଜିର ଦିନକୁ ରକ୍ତକର୍କଟ ଦିବସ ଭାବେ ପାଳନ କରାଯାଉଛି। ଏହି ରୋଗ  ଅସ୍ଥିମଜ୍ଜାରୁ ଆରମ୍ଭ ହେବା ସହ ରକ୍ତକୋଷର ଉତ୍ପାଦନ ଓ କାର୍ଯ୍ୟକୁ ପ୍ରଭାବିତ କରିଥାଏ। ଫଳରେ ଆକ୍ରାନ୍ତ ରୋଗୀଙ୍କ ରକ୍ତକୋଷର ଅନିୟନ୍ତ୍ରିତ ବୃଦ୍ଧି ହେବା ସହ ବିକାଶ ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଥାଏ। ଲ୍ୟୁକୋମିୟା, ଲିମ୍ଫୋମା ଏବଂ ମାୟୋଲୋମା ଭଳି ରକ୍ତକର୍କଟ ରୋଗ ସମ୍ପର୍କରେ ଜନ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ପ୍ରତିବର୍ଷ ବିଶ୍ୱ ରକ୍ତକର୍କଟ ଦିବସ ପାଳନ କରାଯାଇଥାଏ। ବିଶ୍ୱ ରକ୍ତକର୍କଟ ଦିବସ ଅବସରରେ **ସ୍ୱାସ୍ଥ୍ୟମନ୍ତ୍ରୀ** ଡକ୍ଟର ମୁକେଶ ମହାଲିଙ୍ଗ ସାମାଜିକ ଗଣମାଧ୍ୟମରେ ରକ୍ତକର୍କଟ ରୋଗରେ ପୀଡିତ ରୋଗୀଙ୍କ ମନୋବଳ ଦୃଢ଼ କରିବା ପାଇଁ ଚେଷ୍ଟା କରିବା, ସୁସ୍ଥ ଜୀବନଶୈଳୀ ଆପଣାଇବା, ସଚେତନ ହେବା ଏବଂ ସୁରକ୍ଷିତ ରହିବା ନେଇ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି।

## ଆଇଆଇଟିରେ ଋତୁସ୍ରାବ ସମ୍ମିଳନୀ

ମାସିକ ଋତୁସ୍ରାବ ସମୟରେ ସ୍ୱଚ୍ଛତା ଓ ସଂସ୍କାରକୁ ଗ୍ରହଣ କରିବାକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମହିଳାମାନଙ୍କୁ ପରାମର୍ଶ ଦେଇଛନ୍ତି। ଭୁବନେଶ୍ୱରରେ ଆଇଆଇଟିଠାରେ ଆଜି ଋତୁସ୍ରାବ ଜନିତ ସ୍ୱାସ୍ଥ୍ୟ ଏବଂ ପରିଚ୍ଛନ୍ନତା ସମ୍ପର୍କିତ ସମ୍ମିଳନୀରେ ଯୋଗଦେଇ ଶ୍ରୀମତୀ ପରିଡା ଋତୁସ୍ରାବକୁ ନେଇ ସମାଜରେ ଥିବା ବିଭିନ୍ନ ଅନ୍ଧବିଶ୍ୱାସ ଓ ପ୍ରତିବନ୍ଧକକୁ ଦୂର କରିବା ପାଇଁ କହିଛନ୍ତି।

**-V/O-***(Pravati Parida)*

ସମ୍ମିଳନୀରେ ଋତୁସ୍ରାବ ସମୟରେ ମହିଳାମାନଙ୍କ ପାଇଁ ସ୍ୱଚ୍ଛତା, ସ୍ୱାସ୍ଥ୍ୟ, ପରିଚ୍ଛନ୍ନତା ଓ ପରିବେଶ ଉପରେ ଆଲୋଚନା କରାଯାଇଛି। ଏଥିରେ ବିଶ୍ୱସ୍ତରୀୟ ବିଶେଷଜ୍ଞ, ସ୍ୱେଚ୍ଛାସେବୀ ସଂଗଠନ, ନୀତି ନିର୍ଦ୍ଧାରକ, ସ୍ୱାସ୍ଥ୍ୟ ଏବଂ ଶିକ୍ଷା କ୍ଷେତ୍ରର ବ୍ୟକ୍ତିବିଶେଷମାନେ ଯୋଗଦେଇଥିଲେ।

## ବନକ ଲାଗି ବେଶ

ପୁରୀ ଶ୍ରୀମନ୍ଦିରରେ ଆଜି ଶ୍ରୀଜୀଉମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହେବ । ଏଥିପାଇଁ ସନ୍ଧ୍ୟା ୭ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି ।

ଅପରପକ୍ଷରେ ପବିତ୍ର ସ୍ନାନପୂର୍ଣ୍ଣିମା ପରଦିନଠାରୁ ଶ୍ରୀବିଗ୍ରହମାନଙ୍କର ଅନବସର ସେବା ଆରମ୍ଭ ହେବ । ଏହି ସମୟରେ ଶ୍ରଦ୍ଧାଳୁମାନେ ବ୍ରହ୍ମଗିରିସ୍ଥିତ ଅଲାରନାଥଙ୍କ ଦର୍ଶନ କରିଥାନ୍ତି । ଚଳିତବର୍ଷ ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ପୁରୀ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ ଅଲାରନାଥ ପୀଠ ପରିଦର୍ଶନ କରି ସମୀକ୍ଷା କରିଛନ୍ତି । ଏହି ସମୟରେ ସେବାୟତଙ୍କ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ଜିଲ୍ଲାପାଳ ବରିଷ୍ଠ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଛନ୍ତି ।

## ଶୀତଳ ଷଷ୍ଠୀ

ସମ୍ବଲପୁରରେ ପ୍ରସିଦ୍ଧ ଶୀତଳ ଷଷ୍ଠୀ ଯାତ୍ରାର ଶୁଭାରମ୍ଭ ହୋଇଛି । ନନ୍ଦପଡା ଶ୍ରୀଶ୍ରୀ ୰ମବରାଡ୍ ବାଲୁଙ୍କେଶ୍ୱର ବାବା ଏବଂ ଜଗତଜନନୀ ମା' ପାର୍ବତୀଙ୍କ ପତରପେଣ୍ଡି ବା ନିର୍ବନ୍ଧ ପରମ୍ପରା ଅନୁସାରେ ଗତକାଲି ରାତିରେ ସମ୍ପନ୍ନ ହେବା ପରେ ଶୀତଳଷଷ୍ଠୀ ଯାତ୍ରା ଆରମ୍ଭ ହୋଇଛି । ଆଜି ଦେବ ନିମନ୍ତ୍ରଣ କାର୍ଯ୍ୟକ୍ରମ ହେବ ।

## ଇତିହାସ ପୁସ୍ତକ-ବିଧାନସଭା

ଓଡିଶା ବିଧାନସଭାର ଗବେଷଣା ଶାଖା ପକ୍ଷରୁ ପ୍ରକାଶିତ 'A Brief History of Odisha Legislative Assembly' ପୁସ୍ତକ ଉନ୍ମୋଚିତ

ହୋଇଛି । ବାଚସ୍ପତି ସୁରମା ପାଢୀ ପୁସ୍ତକକୁ ଉନ୍ମୋଚନ କରି ଏହି ପୁସ୍ତକ ସମସ୍ତଙ୍କ ପାଇଁ ଉପାଦେୟ ହୋଇପାରିବ ବୋଲି ଆଶାବ୍ୟକ୍ତ କରିଛନ୍ତି ।

## ସଚେତନତା ରଥ

**ରାୟଗଡ଼ା** ଜିଲ୍ଲାରେ ବିଜୁଳି-ଘଡ଼ଘଡ଼ି ସମ୍ପର୍କିତ ସଚେତନତା ରଥକୁ ଜିଲ୍ଲାପାଳ ପାରୁଲ ପଟୱାରୀ ଶୁଭାରମ୍ଭ କରିଛନ୍ତି। ଏହି ରଥ ଜିଲ୍ଲାର ସମସ୍ତ ବ୍ଲକ୍, ଗ୍ରାମପଞ୍ଚାୟତ ଓ ପୌରାଞ୍ଚଳ ଗସ୍ତ କରି ଜନସାଧାରଣଙ୍କୁ ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟ, ଘଡ଼ଘଡ଼ି, ବିଜୁଳି ଆଦି ସମ୍ପର୍କରେ ପ୍ରାକ୍ ସୂଚନା ଦେବା ସହ ସଚେତନତା ସୃଷ୍ଟି କରିବ। ଏହି ଅବସରରେ ଜିଲ୍ଲାର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ସିଏମ୍ ଟ୍ରଫି

ରାଜ୍ୟ କ୍ରୀଡା ଯୁବ ସେବା ବିଭାଗ ଏବଂ ଓଡ଼ିଶା ଫୁଟବଲ୍ ଆସୋସିଏସନ୍ ପକ୍ଷରୁ ଆଜିଠାରୁ ସିଏମ୍ ଟ୍ରଫି ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେଉଛି । କେନ୍ଦୁଝର, ଭୁବନେଶ୍ୱର ସମ୍ବଲପୁର, ଗଞ୍ଜାମ ଚାରୋଟି ଜୋନରେ ଏଥିପାଇଁ ଆନ୍ତଃଜିଲ୍ଲା ଚାମ୍ପିୟନସିପ ଅନୁଷ୍ଠିତ ହେଉଛି। ଏହି ପ୍ରତିଯୋଗିତା ଆସନ୍ତା ୩ତାରିଖ ପର୍ଯ୍ୟନ୍ତ ଚାଲିବ। ସୂଚନା ଅନୁସାରେ, ପ୍ରଥମ ପର୍ଯ୍ୟାୟରେ ଗତ ୧୬ ଜାନୁୟାରୀରୁ ୧୯ ଏପ୍ରିଲ ପର୍ଯ୍ୟନ୍ତ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ହୋଇଥିଲା। ଏଥିରେ ପ୍ରାୟ ୨୭୧ଟି ଫୁଟବଲ୍ କ୍ଲବ୍ ଭାଗ ନେଇଥିଲେ। ଆନ୍ତଃଜିଲ୍ଲା ଚାମ୍ପିଅନ୍ସିପ୍ରେ ବିଜୟୀ ଦଳ

ରାଜ୍ୟସ୍ତରୀୟ ଶେଷ ପର୍ଯ୍ୟାୟ ପ୍ରତିଯୋଗିତାରେ ଖେଳିବେ ବୋଲି ସୂଚନା ମିଳିଛି ।

## ବିଜୁ ପଟ୍ଟନାୟକ କ୍ରୀଡା ପୁରସ୍କାର

ବିଜୁ ପଟ୍ଟନାୟକ କ୍ରୀଡା ପୁରସ୍କାର-୨୦୨୪ ପାଇଁ କ୍ରୀଡା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ବ୍ୟକ୍ତିବିଶେଷ ବା ଅନୁଷ୍ଠାନ ମାନଙ୍କଠାରୁ ମନୋନୟନ ପତ୍ର ଆହ୍ୱାନ କରାଯାଇଛି । ଏଥିପାଇଁ ସବିଶେଷ ତଥ୍ୟ କ୍ରୀଡା ଓ ଯୁବ ସେବା ବିଭାଗର ୱେବସାଇଟ୍ sports.odisha.gov.in ରେ ଉପଲବ୍ଧ ରହିଛି । ଆସନ୍ତା ମାସ ୧୬ତାରିଖ ପର୍ଯ୍ୟନ୍ତ  କ୍ରୀଡା ପୁରସ୍କାର ପାଇଁ ଆବେଦନ କରାଯାଇପାରିବ ।

## ପାଣିପାଗ

ଦକ୍ଷିଣପଶ୍ଚିମ ମୌସୁମୀବାୟୁ ଆଜି ଓଡ଼ିଶା ଉପକୂଳ ସ୍ପର୍ଶ କରିଛି। ପରେ ଦକ୍ଷିଣ ଓଡ଼ିଶାର କିଛି ଅଂଚଳକୁ ମୌସୁମୀବାୟୁ ଅଗ୍ରସର ହୋଇଥିବା ନେଇ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ପ୍ରଭାବରେ ଦକ୍ଷିଣ ଓଡ଼ିଶାର କେତେକ ସ୍ଥାନରେ ବର୍ଷା ଜାରି ରହିଛି। ସୂଚନାଯୋଗ୍ୟ, ଚଳିତଥର ମୌସୁମୀବାୟୁ ନିର୍ଦ୍ଧାରିତ ସମୟ ପୂର୍ବରୁ କେରଳ ଉପକୂଳ ସ୍ପର୍ଶ କରିଥିଲା। ଅନୁକୂଳ ପାଗ ମୌସୁମୀର ସଅଳ ଓଡ଼ିଶା ପ୍ରବେଶରେ ସହାୟକ ହୋଇଛି ବୋଲି ଜଣାପଡିଛି।

ଅପରପକ୍ଷରେ, ଉତ୍ତର ପଶ୍ଚିମ ବଙ୍ଗୋପସାଗରେ ସୃଷ୍ଟ ଲଘୁଚାପ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଆଜି ପ୍ରାୟ ସମସ୍ତ ଜିଲ୍ଲାରେ ବର୍ଷା ହେବାର ସମ୍ଭାବନା ଥିବାରୁ ସତର୍କ ସୂଚନା ଜାରି କରାଯାଇଛି। ଏ ସମ୍ପର୍କରେ ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶକ ଡକ୍ଟର ମନୋରମା ମହାନ୍ତି କହିଛନ୍ତି.....

**-V/O-***(Manorama Mohanty)*